# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଖଡ଼ିଆଳ

ଖଡ଼ିଆଳ , ଜିଲ୍ଲା-ନୂଆପଡା , ପିନ-୭୬୬୧୦୭, କାର୍ଯ୍ୟାଳୟ ଫୋନ ନଂ – ୦୬୬୭୧ -୨୨୪୨୯୪
ଇ-ମେଲ -khariarnac@gmail.com ,khariarn.hud@ori.n.in

ପତ୍ର ସଂଖ୍ୟା. 1192 /, ଖଡ଼ିଆଳ, ତା. 04. 05. 2026

## ବିଜ୍ଞାପନ

ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ଉପଖଣ୍ଡ ଭବାନୀପାଟଣା ଙ୍କ ପତ୍ର ସଂଖ୍ୟା ୨୯୧୯, ତା -୨୩/୦୯/୨୦୨୫ ଅନୁଯାୟୀ ଗୋଟିଏ (୦୧) " ଜଳସାଥୀ " ଚୟନ ଶକାସେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଆବେଦନ ପତ୍ର ଗ୍ରହଣ କରାଯାଉଛି । ଏଥି ନିମନ୍ତେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଓ ଆଞ୍ଚଳିକ ସ୍ତରୀୟ ମହିଳା ମହାସଂଘ ଗୁଡିକୁ ଜଣାଇ ଦିଆଯାଉଅଛି କି ମିଶନ ଶକ୍ତି ଗୋଷ୍ଠି ର ଯେ କୌଣସି ସଦସ୍ୟା ଏହି ପ୍ରକ୍ରିୟାରେ ଭାଗ ନେବା ପାଇଁ ଚାହୁଁଛନ୍ତି ସେ ଏହି ପ୍ରକିୟାରେ ଭାଗ ନେବା ସମ୍ବନ୍ଧୀୟ ମିଶନ ଶକ୍ତି ଗୋଷ୍ଠି ତରଫରୁ ଆବେଦନକାରୀ ସଦସ୍ୟା ଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀ ର ନକଲ ପରିଶିଷ୍ଟ "କ" ରେ ପ୍ରଦାନ କରାଯାଇଥିବା " Basic Information of MSG with Acknowledgement from Bank" ସହ ନିମ୍ନ ଲିଖିତ ଦରକାରୀ ଦସ୍ତାବେଜ ସହ **ତା ୧୫.୦୫.୨୦୨୬ରିଖ ମଧ୍ୟାହ୍ନ ୧.00 ସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ** ମାଧମରେ ଜଳସାଥୀ ଚୟନ ନିମନ୍ତେ ଆବେଦନ ପତ୍ର ମୁଦ ଲଫାଫରେ ଦାଖଲ କରନ୍ତୁ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା **୧୮.୦୫.୨୦୨୬ରିଖ ୦୯.୦୦** ଘଟିକା ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରୀୟ ଚୟନ କମିଟି ବୈଠକ ରେ ନିମ୍ନ ସ୍ୱାକ୍ଷରକାରି ଙ୍କ କାର୍ଯ୍ୟାଳୟ ର ସଭାଗୃହ ଠାରେ ଆବେଦନ ପତ୍ର ଗୁଡିକୁ ଖୋଲାଯିବା ସହ ଯାଞ୍ଚ କରାଯିବ ।ପରିଶିଷ୍ଟ " ଖ" ରେ ଦିଆଯାଇଥିବା Assessment Index ଅନୁସାରେ ମାର୍କ ଆଧାରରେ ଚୟନ କରାଯିବ । ଜଳସାଥୀ ଭାବେ ନିଯୁକ୍ତି ପାଇଁ କରାଯାଉଥିବା ମୂଲ୍ୟାଙ୍କନ ପ୍ରକିୟାରେ ମିଶନ ଶକ୍ତି ଗୋଷ୍ଠି ର ଆବେଦନକାରୀ ସଦ୍ୟସା ୩୦% ରୁ କମ ମାର୍କ ପାଇଲେ ସେହି ସଦ୍ୟସା ଚୟନ ପ୍ରକିୟାରେ ଭାଗ ନେଇପାରିବେ ନାହିଁ ଏବଂ ଯଦି ଏକାଧିକ ମିଶନ ଶକ୍ତି ଗୋଷ୍ଠି ଆବେଦନକାରୀ ସଦ୍ୟସା ସମାନ ମାର୍କ ଅର୍ଜନ କରନ୍ତି , ତେବେ ଜଳସାଥୀ ଭାବେ ଅନ୍ତିମ ଚୟନ ଲଟେରୀ ପ୍ରକିୟା ମାଧମ ରେ କରାଯିବ । ଲଫାଫ ଉପରେ " **ଜଳସାଥୀ ନିମନ୍ତେ ଆବେଦନ ପତ୍ର** " ଲେଖାଥିବା ଆବଶ୍ୟକ । ଦରଖାସ୍ତ ଫର୍ମ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ୱେବ ସାଇଟ ରେ https://www.nackhariar.in/ , https://nuapada.odisha.gov.in ପାଇବେ ।

**ଦରକାରୀ ଦସ୍ତାବେଜ :-**

୧. ମିଶନ ଶକ୍ତି ଗୋଷ୍ଠି ସଭାନେତ୍ରୀ ଙ୍କ ଆଧାର କାର୍ଡ ର ନକଲ
୨. ମିଶନ ଶକ୍ତି ଗୋଷ୍ଠି ଙ୍କ ପାନ କାର୍ଡ ର ନକଲ
୩. ମିଶନ ଶକ୍ତି ଗୋଷ୍ଠି ଙ୍କ ରେଜିଷ୍ଟ୍ରେସନ କପି ନକଲ
୪. ମିଶନ ଶକ୍ତି ଗୋଷ୍ଠି ଙ୍କ ବ୍ୟାଙ୍କ ଖାତା ର ପ୍ରଥମ ପୃଷ୍ଠା ଏବଂ ଶେଷ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ
୫. ମିଶନ ଶକ୍ତି ଗୋଷ୍ଠି ଙ୍କ ରିଜୋଲୁସନ ଖାତା ର ପ୍ରଥମ ପୃଷ୍ଠା ଓ ଶେଷ ୬ ମାସ ର ନକଲ
୬. ଆବେଦନକାରୀ ସଦସ୍ୟା ଙ୍କ ଆଧାର କାର୍ଡ ର ନକଲ
୭. ଆବେଦନକାରୀ ସଦସ୍ୟା ଙ୍କ ଶିକ୍ଷାଗତ ଯୋଗ୍ୟତା ର ସମସ୍ତ ନକଲ

**ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ ,ଖଡ଼ିଆଳ**

ପରିପତ୍ର ସଂଖ୍ୟା ୧୧୭୩

ତାରିଖ ୦୪.୦୫.୨୬

ଏହାର ଏକକିତା ନକଲ ବିଜ୍ଞାପିତ ଅଞ୍ଚଳ ପରିଷଦ , ଖଡ଼ିଆଳ ର ଅଧକ୍ଷା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ , ଖଡ଼ିଆଳ ର ସମସ୍ତ କାଉନସିଲର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

**ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ ,ଖଡ଼ିଆଳ**

ପରିପତ୍ର ସଂଖ୍ୟା ୧୧୭୪

ତାରିଖ ୦୪.୦୫.୨୬

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ , ଖଡ଼ିଆଳ / ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ ଭବାନୀପାଟଣା ଉପଖଣ୍ଡ / ଗୋଷ୍ଠି ଉନ୍ନୟନ ଅଧିକାରୀ ଖଡ଼ିଆଳ/ ତହସିଲଦାର ଖଡ଼ିଆଳ ଙ୍କ ଅବଗତି ନିମନ୍ତେ ଓ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଲଟକା ଜାରି କରିବା ନିମନ୍ତେ ପ୍ରେରଣ କରାଗଲା ।

**ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ ,ଖଡ଼ିଆଳ**

ପରିପତ୍ର ସଂଖ୍ୟା ୧୧୭୫

ତାରିଖ ୦୪.୦୫.୨୬

ଏହାର ଏକକିତା ନକଲ Degm, Collectorate, ନୂଆପଡା ଙ୍କୁ Website ରେ Upload କରିବା ନିମନ୍ତେ ପ୍ରେରଣ କର ଗଲା

**ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ ,ଖଡ଼ିଆଳ**

ପରିପତ୍ର ସଂଖ୍ୟା ୧୧୭୬

ତାରିଖ ୦୪.୦୫.୨୬

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ନୂଆପଡା ଏବଂ ଜିଲ୍ଲାପାଳ ନୂଆପଡା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

**ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ ,ଖଡ଼ିଆଳ**

## ଜଳସାଥୀ ଚୟନ ନିମନ୍ତେ ଆବଶ୍ୟକ ଯୋଗ୍ୟତା:-

୧. ଆବେଦନକାରୀ ସଦସ୍ୟା ଙ୍କ ବୟସ ୧୮ ରୁ ୪୫ ବର୍ଷ ହୋଇଥିବା ଆବଶ୍ୟକ
୨. ଆବେଦନକାରୀ ସଦସ୍ୟା ଦୁଇବର୍ଷ ଧରି ସକ୍ରିୟ ସଦସ୍ୟା ଭାବରେ ମିଶନ ଶକ୍ତି ଗୋଷ୍ଠି ରେ କାମ କରିଥିବେ
୩. ଆବେଦନକାରୀ ସଦସ୍ୟା ଙ୍କ ନାମରେ ପାସ ବୁକ ସହିତ ATM ଥିବା ଆବଶ୍ୟକ
୪. ଆବେଦନକାରୀ ସଦସ୍ୟା ଅତିକମରେ ଦଶମ ଶ୍ରେଣୀ ( ଶିକ୍ଷାଗତ ଯୋଗ୍ୟତା) ପାସ କରିଥିବା ଆବଶ୍ୟକ
୫. ଆବେଦନକାରୀ ସଦସ୍ୟା କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନଥିବେ
୬. ଆବେଦନକାରୀ ସଦସ୍ୟା ଙ୍କ ବ୍ୟକ୍ତିଗତ ସ୍ମାର୍ଟ ଫୋନ ଥିବା ଆବଶ୍ୟକ
୭. ଆବେଦନକାରୀ ସଦସ୍ୟା କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନଥିବେ (ଯଥା - ସ୍ୱଚ୍ଛଭାରତ ମିଶନ )

## ସର୍ତ୍ତାବଳୀ:-

ଏତଦ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ଖଡ଼ିଆଳ ର ସମସ୍ତ ମିଶନ ଶକ୍ତି ଗୋଷ୍ଠି କୁ ଅବଗତ କରାଇ ଦିଆଯାଉଛି ଯେ ଜଳସାଥୀ ଟି ସମ୍ପୂର୍ଣ୍ଣ ଭାବରେ ଚୁକ୍ତି ଭିତ୍ତିକ ନିଯୁକ୍ତି ଅଟେ । ଜନସ୍ୱାସ୍ଥ୍ୟ ବିଭାଗ, ଭବାନୀପାଟଣା ଦ୍ୱାରା ଖଡ଼ିଆଳ ସହରର ପ୍ରତ୍ୟେକ ପରିବାରକୁ ଯୋଗାଇ ଦିଆଯାଇଥିବା ପାନୀୟ ଜଳ ବାବଦ କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଶି କୁ ଅସୁଲ କରିବା , ମାସିକ ଜଳ ପରୀକ୍ଷା, ନୂତନ ପାନୀୟ ଜଳ ସଂଯୋଗ ସକାଶେ ଗୋଟିଏ (୧) ଜଳସାଥୀ ବିଜ୍ଞାପିତ ଅଞ୍ଚଳ ଖଡ଼ିଆଳ ପାଇଁ ଆବଶ୍ୟକତା ଦୃଷ୍ଟି ରୁ ଏବଂ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ଉପଖଣ୍ଡ ଭବାନୀପାଟଣା ଙ୍କ ପତ୍ର ସଂଖ୍ୟା ୨୯୧୯, ତା - ୨୩. ୦୯. ୨୦୨୫ ଅନୁଯାୟୀ ଗୋଟିଏ (୦୧) ଜଳସାଥୀ ଚୟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଅଛି । ଜଳସାଥୀ ଚୟନ ହେଲାପରେ ସମ୍ପୂର୍ଣ୍ଣ ଭାବରେ ଜନସ୍ୱାସ୍ଥ୍ୟ ବିଭାଗ, ଭବାନୀପାଟଣା ଦ୍ୱାରା ପରିଚାଳିତ ହେବେ ଏବଂ ନିର୍ଦ୍ଦେଶ, ଉପଦେଶ , ନୀତି ଏବଂ ନିୟମ ଅନୁଯାୟୀ କାର୍ଯ୍ୟ କରିବେ । ଏହି ପଦବୀ ନିମନ୍ତେ ବିଜ୍ଞାପନ ରେ ଦିଆଯାଇଥିବା ଯୋଗ୍ୟତା, ଆବଶ୍ୟକୀୟ ଦସ୍ତାବେଜ ସହିତ MPOS Machine ପାଇବା ପାଇଁ ଏହାର Security Deposit ବାବଦକୁ ଟ. ୧୦,୦୦୦ /- ( ଦଶ ହଜାର ଟଙ୍କା)( ଫେରସ୍ତ ଯୋଗ୍ୟ ) ହିସାବରେ ଜନସ୍ୱାସ୍ଥ୍ୟ ରେ ଥିବା ଅଧିକାରୀଙ୍କ ନାମ ରେ ଜମା କରିବା ପାଇଁ ସମର୍ଥ ରହିଥିବା ଆବଶ୍ୟକ । ପରବର୍ତ୍ତୀ ସମୟରେ ଜଳସାଥୀ ଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ଭବାନୀପାଟଣା ଦ୍ୱାରା ଆନୁଷ୍ଠାନିକ ଭାବରେ ନିଯୁକ୍ତି ପତ୍ର ଦେବା ସହିତ ଚୁକ୍ତି କରିବା ସଙ୍ଗେ ସଙ୍ଗେ ତାଲିମ ଦେବା ସହିତ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ ।

### ସରକାର ଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି :-

୧. ଜଳସାଥୀ ମାଧ୍ୟମରେ ଘରୋଇ ( ଏକ ଗୋଟି ଘର ) ନୂତନ ଜଳ ସଂଯୋଗ କରିବା ପାଇଁ ଟ. ୧୦୦ /- ଏବଂ ବ୍ୟବସାୟ ବା ବାଣିଜ୍ୟ ସମ୍ବନ୍ଧିୟ ବ୍ୟବହୃତ ହେଉଥିବା ଗୋଟିଏ ଘର ପାଇଁ ନୂତନ ଜଳ ସଂଯୋଗ ବାବଦ କୁ ଟ . ୨୦୦ /- ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି ।

୨. ପ୍ରତ୍ୟେକ ମାସରେ ଜଳସାଥୀ ଦ୍ୱାରା ଆଦାୟ କରାଯାଇଥିବା ମୋଟ ରାଶି ର ୭. ୫ % ପ୍ରତିଶତ ଜଳସାଥୀ ମାନଙ୍କୁ ପ୍ରଦାନ କରିବା ନିମନ୍ତେ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଛି ଯାହାକି ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଦାନ କରାଯିବ ।

୩. ପ୍ରତ୍ୟେକ ମାସରେ ଗୋଟିଏ ଜଳସାଥୀ ଙ୍କ ଦ୍ୱାରା ଅତିକମ ରେ ୧୦୦ ଥର ଜଳର ମାତ୍ର ବା ମାନ ଓ ଗୁଣ ପରୀକ୍ଷା କରାଯିବ ଏବଂ ଗୋଟିଏ ପରୀକ୍ଷା ବାବଦକୁ ଜଳସାଥୀ ମାନଙ୍କୁ ଟ . ୧୦/- ହିସାବରେ ପ୍ରଦାନ କରାଯିବ ।

ପରିଶିଷ୍ଟ "କ"

## Basic information of MSG with Acknowledgement from Bank

1. Name of the SHG: -
2. SHG Address: -
3. Date of SHG formation: -
4. Total Numbers of Members in SHG: -
5. Present livelihood Activities Undertaking: -
6. Bank and Branch Name: -
7. Bank Account No: -
8. Contact Number of SHG: -
9. Funds Available in the Saving Bank Account: -

a. Regular Meeting (Yes/ No)-
b. Amount savings-
c. Loan Taken from Bank (Yes/No) ........(if yes, Loan Amount.........
d. Mode of Loan Repayment (Regular / Irregular)-
**e.** Meeting Register Maintained (Yes/ No) –

Seal & Signature of the SHG President
Dt:

Seal & Signature of the SHG Secretary
Dt:

**Acknowledgement from Bank**

This is to certify that the ..........................................................................Mission Shakti Group of Khariar NAC, Ward No-.........................., Account No..................................................is having regular repayment of loan / Non Performing Asst/ Not Availed any loan.

Seal & Signature of the Bank Manager / Authorised Signature

Date:

**ପରିଶିଷ୍ଟ "ଖ"**

| Sl.No | Assessment Parameter | Marks | Means of Verification | Remarks |
|---|---|---|---|---|
| 1 | Adherence to standard practices of Group ( Pancha Sutra) | 20 | Register & Bank pass book of Mission Shakti Group | Regular Meeting-4 Regular saving-4 Regular internal lending -4 Regular Repayment-4 Regular Record keeping-4 |
| 2 | No. of Active members | 10 | Register & Bank pass book of Mission Shakti Group | 10 Active members-10<br>7 to 9 Active members-8<br>4 to 7 members-6<br>Less than 4 Active members-0 |
| 3 | Educational Qualification | 30 | Documents Verification | 10th Class-10<br>Above 10th Class/+2=15 |
| 4 | Operate Android Mobile | 20 | Verification | |
| 5 | Interview | 20 | | |
| | Total Marks | 100 | | |

# ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡ଼ିଆଳ

## *ଜଳସାଥୀ ପଦବୀ ନିମନ୍ତେ ଆବେଦନ ଫର୍ମ*

୧. ସଭ୍ୟା ଙ୍କ ନାମ -

୨. ସଭ୍ୟା ବାସ କରୁଥିବା ଅଞ୍ଚଳର ସମ୍ପୂର୍ଣ୍ଣ ଠିକଣା -

୩. ସଭ୍ୟାଙ୍କର ବୟସ -

୪. ନୂତନ ୱାର୍ଡ ସଂଖ୍ୟା -

୫. ସ୍ୱୟଂ ସହାୟକ ଗୋଷ୍ଠି ର ନାମ -

୬. ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠିରେ କେବେ ଠାରୁ ସଦସ୍ୟା ଅଛନ୍ତି ?-

୭. ସଭ୍ୟାଙ୍କର ଶିକ୍ଷାଗତ ଯୋଗ୍ୟତା -

୮. ସଭ୍ୟାଙ୍କର ମୋବାଇଲ ନମ୍ବର -

**ସଂକଳ୍ପନାମା :-**

ମୁଁ କୁମାରୀ / ଶ୍ରୀମତୀ ______________________________ ବାପା / ସ୍ୱାମୀଙ୍କ ନାମ______________________________ ବର୍ତ୍ତମାନ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନାହିଁ ଓ ମୋ ନାମ କୌଣସିଅପରାଧିକ ମାମଲା ବା ରାଜନୈତିକ ରେ ସମ୍ପୃକ୍ତ ନାହିଁ । ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ପ୍ରସ୍ତୁତ ଅଛି ।

ଆବେଦନକାରୀ ସଭ୍ୟା ଙ୍କର ସ୍ୱାକ୍ଷର

**ସଂଲଗ୍ନ କରାଯାଇଥିବା ଆବଶ୍ୟକୀୟ ଦସ୍ତାବେଜ :-**

୧. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ସାର୍ଟିଫିକେଟ ଓ ମାର୍କ ସିଟ ଉଭୟ ନକଲ) ◯

୨. ଜନ୍ମ ତାରିଖର ପ୍ରମାଣ ପତ୍ର ର ନକଲ (ଆଧାର କାର୍ଡ) ◯

୩. ସ୍ୱୟଂ ସହାୟକ ଗୋଷ୍ଠି ରେ କେବେ ସାମିଲ ହେଲେ ତାହାର ପ୍ରମାଣ (ଅଧିବେଶନ ବିବରଣୀ) ◯

୪.ସ୍ୱୟଂ ସହାୟକ ଗୋଷ୍ଠି ଦ୍ୱାରା ସଭ୍ୟା ଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀ ନକଲ ◯

୫. ବ୍ୟକ୍ତିଗତ ବ୍ୟାଙ୍କ ପାସବୁକ ର ନକଲ ◯

୬. ପାସପୋର୍ଟ ଫୋଟୋ - ୧ ଟି ◯

ସଭାନେତ୍ରୀ ଙ୍କ ଦସ୍ତଖତ ଓ ମୋହର

ସମ୍ପାଦିକା ଙ୍କ ଦସ୍ତଖତ ଓ ମୋହର